## ସଂକ୍ଷେପରେ

### ଦୁର୍ନୀତି ନିବାରଣର ଶପଥପାଠ

ଗୁଣପୁର,୩୧।୧୦(ଡି.ଏନ.ଏ)- ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସୋମବାର ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ ରାଜେନ୍ଦ୍ର ପ୍ରସାଦ ଚୌଧୁରିଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସାମୂହିକ ଶପଥ ପାଠ କରିଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରି, ସେକ୍ସନ ଅଫିସର ମନୋରଞ୍ଜନ କାର୍ଜି, ସମସ୍ତ କିରାଣି ଉପସ୍ଥିତ ରହି ନିଜକୁ ଏବଂ ସମାଜକୁ ଦୁର୍ନୀତି ମୁକ୍ତ କରିବାକୁ ଶପଥ ନେଇଥିଲେ। ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଗୁଣପୁର,୩୧।୧୦(ଡି.ଏନ.ଏ)- ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ଠାରେ ସୋମବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍କୁଲ ଅଫ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ୍ ଏ. ବି. ଶ୍ରୀନିବାସ ରାଓ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା,ଅଧାପିକା, ଅଧାପକ ଓ କର୍ମଚାରୀଙ୍କୁ ନେଇ ଶୋଭାଯାତ୍ରା ବାହାରିଥିଲା। ଡିନ ଏକାଡେମିକ୍ସ ଡ. ଏ.ଭି.ଏନ.ଏଲ୍. ଶର୍ମା ସମ୍ବିଧାନର ଦାୟିତ୍ୱବୋଧ ଓ ନୀତି ଗୁଡ଼ିକୁ ପାଳନ କରିବାକୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡିନ୍ ଏମ୍. ଜଗଦୀଶ, ପରୀକ୍ଷା ନିରୀକ୍ଷକ ପି. ବିଜୟ କୁମାର, ଡେପୁଟି ରେଜିଷ୍ଟ୍ରାର ଶିବ ପ୍ରସାଦ ତ୍ରିପାଠୀ, କମ୍ପ୍ୟୁଟର ସାଇନ୍ସ ବିଭାଗର ଡେପୁଟି ଡିନ୍ ସଞ୍ଜୟ କୁମାର କଅଁର, ଗୋପାଳ କୃଷ୍ଣ ମହାନ୍ତି, ରାଧାକୃଷ୍ଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍ଏସ୍ଏସ୍ର ଆବାହକ ପ୍ରେମାଂଶୁ ଶେଖର ରଥଙ୍କ ସମେତ କାର୍ଯ୍ୟକ୍ରମ ଅଧିକାରୀ ତାପସ ଛୁଆଳସିଂ, ପ୍ରଫେସର ଭି. ଗଣେଷ, ଏନସିସିର ସିଟିଓ ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ଯୁଗ୍ମ ଅଭିଯୋଗ ଶୁଣାଣି

ଗୁଣପୁର,୩୧।୧୦(ଡି.ଏନ୍.ଏ.)- ଗୁଣପୁର ଉପ ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ଜିଲାପାଳ ଏବଂ ଏସ୍‌ପିଙ୍କ ଅନୁପସ୍ଥିତିରେ ଡିଆର୍‌ଡିଏର ରବି ନାରାୟଣ ତ୍ରିପାଠୀ, ଗୁଣପୁର ଉପଜିଲାପାଳ ଲୋକନାଥ ଦଳବେହେରା, ଗୁଣପୁର ଏସ୍‌ଡିପିଓ ବିକାଶ ଚନ୍ଦ୍ର ଦେହୁରୀ, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଣ୍ଟେଣ୍ଡେଣ୍ଟ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ରହି ୨୬ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବ୍ୟକ୍ତିଗତ ୨୩ ଟି ଏବଂ ସାମୁହିକ ଭାବେ ୩ ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଓ ସେମାନଙ୍କ ପ୍ରତିନିଧି ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣି ବାର୍ଷିକ ତାଲିକାରେ ନ ଥିବାରୁ ସ୍ୱତନ୍ତ୍ର ଭାବେ କରାଯାଇଥିଲା। ତେବେ ଅଭିଯୋଗ ଶୁଣାଣି ନେଇ ପୂର୍ବରୁ ଠିକ୍‌ରେ ପ୍ରଚାର ଏବଂ ପ୍ରସାର ହୋଇ ନ ଥିବାରୁ ଅଭିଯୋଗ ମଧ କମ୍ ରହିଥିଲା।

# କ୍ଷତି ସହୁଛନ୍ତି ରାୟଗଡ଼ାର ସୀତାଫଳ ଚାଷୀ

**ନିଆରା ସ୍ୱାଦ ପାଇଁ ଚାହିଦା ଅଧିକ**

- ଅଞ୍ଚଳରେ ନାହିଁ ବଜାର, ସଂରକ୍ଷଣର ସୁବିଧା
- ଲାଭ ଉଠାଉଛନ୍ତି ପଡ଼ୋଶୀ ରାଜ୍ୟ ବ୍ୟବସାୟୀ

ରାୟଗଡ଼ା ଅଫିସ,୩୧।୧୦

ଋତୁକାଳୀନ ଉତ୍ପାଦିତ ସ୍ୱାଦିଷ୍ଟ ଫଳ ମଧ୍ୟରେ ସୀତାଫଳ(ଆତ)ର ବେଶ୍ ଚାହିଦା। ଉପାନ୍ତ ରାୟଗଡ଼ା ଜିଲାରେ ଏହାର ଉତ୍ପାଦନ ଅଧିକ ହୋଇଥାଏ। ହେଲେ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଜିଲାର ସୀତାଫଳ ଚାଷୀ କ୍ଷତି ସହୁଛନ୍ତି। ସୀତାଫଳକୁ ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ନିମନ୍ତେ ଶୀତଳ ଭଣ୍ଡାରର ସୁବିଧା ଏବଂ ବିକ୍ରି ନିମନ୍ତେ ଆବଶ୍ୟକ ବଜାର ଏବଂ ଉଚିତ ଦରଧାର୍ଯ୍ୟର ବ୍ୟବସ୍ଥା ନ ଥିବାରୁ ଆଦିବାସୀ ଚାଷୀ ଅଭାବୀ ବିକ୍ରି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ପଡ଼ୋଶୀ ରାଜ୍ୟର ବ୍ୟବସାୟୀ ଏଠାରୁ କମ୍ ମୂଲ୍ୟରେ ଫଳ ନେଇ ଉଚ୍ଚଦରରେ ବିକ୍ରି କରି ଲାଭବାନ୍ ହେଉଥିବାବେଳେ ସ୍ଥାନୀୟ ଚାଷୀ ଏହାର ଉପଯୁକ୍ତ ମୂଲ୍ୟ ପାଇପାରୁ ନାହାନ୍ତି।

ରାୟଗଡ଼ା ଜିଲାର ସୀତାଫଳର ସ୍ୱାଦ ଦୃଷ୍ଟିରୁ ଚାହିଦା ଅଧିକ। ମୁଖ୍ୟତଃ ରାୟଗଡ଼ା ସଦର ଏବଂ କୋଲନରା ବ୍ଲକ ଅଞ୍ଚଳରେ ଅଧିକ ସୀତାଫଳ ଉତ୍ପାଦନ ହୋଇଥାଏ। ରାୟଗଡ଼ା ବ୍ଲକର ମିରାବାଲି, କାରୁବାଇ, ଡାଙ୍ଗଲୋଡ଼ି, ବାଇସିଂ, ବୈରାଗିହାଲୁଆ, ପିପଲଗୁଡ଼ା ଅଞ୍ଚଳ ଏବଂ କୋଲନରା ବ୍ଲକର ଭୋଇମଡ଼ା, ମୁକୁନ୍ଦପୁର, ରୁପୁଣି, କୈଳାସପୁର, ବଡ଼ଖିଲାପଦର ଆଦି ଅଞ୍ଚଳରେ ଜଙ୍ଗଲରେ ହଜାର ହଜାର ସଂଖ୍ୟାରେ ସୀତାଫଳ ଗଛ ରହିଛି। ଏହା ଏଠାରେ ବସବାସ କରୁଥିବା ଆଦିବାସୀଙ୍କ ରୋଜଗାରର ପ୍ରମୁଖ ମାଧ୍ୟମ ହୋଇଥାଏ। ଅଞ୍ଚଳବାସୀ ସୀତାଫଳକୁ ଝୁଡ଼ିରେ ସଂଗ୍ରହ କରି ରାୟଗଡ଼ା, ଗୁଣପୁର ଏବଂ ଜେକେପୁର ବଜାରକୁ ନେଇ ବିକ୍ରି କରିଥାନ୍ତି । ଏହା ସେମାନଙ୍କ ପରିବାର ଚଳିବାରେ ସାମାନ୍ୟ ସହାୟକ ହୋଇଥାଏ। ପରିତାପର ବିଷୟ ହେଲା ଜିଲାରେ ଅଧିକ ପରିମାଣରେ ଏହି ଫଳ ଉତ୍ପାଦନ ହେଉଥିଲେ ମଧ୍ୟ ଚାଷୀ ସେମାନଙ୍କ ପରିଶ୍ରମର ଉପଯୁକ୍ତ ମୂଲ୍ୟ ପାଇପାରୁ ନ ଥିବା ପ୍ରକାଶ କରିଛନ୍ତି।

ଜିଲା ବାହାରେ ଏବଂ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ରେ ସୀତାଫଳ କେଜି ପ୍ରତି ୧୫୦ ଏବଂ ଏହାଠାରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଥିବାବେଳେ ଏଠାରେ ଝୁଡ଼ିଟିଏ(୫୦ରୁ ୬୦ ଟି) ସୀତାଫଳର ମୂଲ୍ୟ ମାତ୍ର ୧୨୦ ରୁ ୧୩୦ ଟଙ୍କା ରହିଛି। ଜିଲାରେ ଆବଶ୍ୟକ ବଜାର ସୁବିଧାର ଅଭାବ ଏବଂ ଏହି ଫଳ ଅଧିକ ଦିନ ବାହାରେ ରଖିବା ସମ୍ଭବ ହେଉ ନ ଥିବାରୁ ଚାଷୀ ନିରୁପାୟ ହୋଇ ବେପାରୀଙ୍କୁ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଥିବା କହିଛନ୍ତି। ଜିଲାରେ ଏଥିପାଇଁ ସ୍ୱତନ୍ତ୍ର ବଜାର ସୁବିଧା, ସରକାରୀ ମୂଲ୍ୟ ଧାର୍ଯ୍ୟ ଏବଂ ଶୀତଳ ଭଣ୍ଡାର ବ୍ୟବସ୍ଥା କଲେ ସ୍ଥାନୀୟ ଚାଷୀ ଉପଯୁକ୍ତ ମୂଲ୍ୟ ପାଇପାରିବେ ବୋଲି ଅଞ୍ଚଳର ଜଣେ ବ୍ୟବସାୟୀ ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ଧାର୍ଯ୍ୟ ସହ ବଜାର ସୁବିଧା କରିବାକୁ ଓର୍‌ମାସ୍ କାର୍ଯ୍ୟ କରୁଛି। ହେଲେ ସୀତାଫଳ ପାଇଁ ସେଭଳି କୌଣସି ବ୍ୟବସ୍ଥା ନାହିଁ। ତେଣୁ ଚାଷୀଙ୍କ ସହ ସ୍ଥାନୀୟ ବ୍ୟବସାୟୀ କ୍ଷୋଭ ପ୍ରକାଶ କରୁଛନ୍ତି। ଏ ନେଇ ରାୟଗଡ଼ା ସ୍ଥିତ ଓର୍‌ମାସର ଅଧିକାରୀ ମନୋଜ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ଦୁଇ ବର୍ଷରେ ସୀତାଫଳ ପାଇଁ ଓର୍‌ମାସକୁ ବ୍ୟାପକ କ୍ଷତି ହୋଇଥିବାରୁ ଏହି ବ୍ୟବସାୟରେ ସଂସ୍ଥା କୌଣସି ହସ୍ତକ୍ଷେପ କରୁନାହିଁ। ଅନ୍ୟପକ୍ଷରେ ସୀତାଫଳ ଋତୁ ସରିବାକୁ ଯାଉଥିବାବେଳେ ଉପଯୁକ୍ତ ବ୍ୟବସାୟ ପାଇଁ ଚଳିତ ବର୍ଷ ସଂସ୍ଥା ନିକଟକୁ କେହି ଆସି ନ ଥିବା ସେ କହିଛନ୍ତି । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଲେ ଚାଷୀ ସୀତାଫଳରୁ ଉପକୃତ ହେବେ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରଛନ୍ତି।




ମହିଳାମାନେ ସୀତାଫଳ ବିକ୍ରି କରିବାକୁ ବଜାରକୁ ନେଉଛନ୍ତି ।

## ୪ ଜଣଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ, ୩ ନିର୍ଦ୍ଦୋଷ

**ଗଞ୍ଜେଇ ଚୋରାଚାଲାଣ ମାମଲା**

ଗୁଣପୁର,୩୧।୧୦(ଡି.ଏନ.ଏ.)

ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟରେ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ସୋମବାର ରାୟ ପ୍ରକାଶ ପାଇଛି। ଏଡିଜେ ମାନସ ରଞ୍ଜନ ରଥ ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତମାନେ ଅଧିକ ୬ ମାସ ଲେଖାଏ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି।

୨୦୧୯ ଅକ୍ଟୋବର ୧୩ରେ ଗୁଡାରି ଥାନା ଅଧୀନ ବୁଜିଂଗୁଡ଼ା ଛକଠାରେ ପୋଲିସ ପକ୍ଷରୁ ଯାଞ୍ଚ ଚାଲିଥିବାବେଳେ ଚନ୍ଦ୍ରପୁରରୁ ଆସୁଥିବା ଏକ ବୋଲେରୋରୁ ୨୦୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଗୁଡାରି ଥାନା ପୋଲିସ ଗାଡ଼ି ଚାଳକ ସମେତ ୫ ଜଣଙ୍କୁ ଗିରଫ କରି ଗୁଣପୁର କୋର୍ଟକୁ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାରେ ସମ୍ପୃକ୍ତ ଆଉ ୩ ଜଣ ମୋଟ ୮ ଜଣ ଗିରଫ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଜାମିନରେ ଆସିଥିଲେ। ଜାମିନରେ ଆସିଥିବା ଗୁଡାରିର ଜିତୁ କାଡ୍ରାକା ଫେରାର ହୋଇଯାଇଥିଲେ। ଅନ୍ୟ ୪ ଅଭିଯୁକ୍ତ ଜାମିନ ନ ପାଇ ଗୁଣପୁର ଜେଲରେ ଥିଲେ। ମାମଲାର ବିଚାର ଗୁଣପୁର ଏଡିଜେ କୋର୍ଟରେ ହୋଇଥିଲା। ୧୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଜେଲରେ ଥିବା ୪ ଅଭିଯୁକ୍ତ ଗୁଡାରିର ଗଣପତି ପାତିକା, ବୁଦ୍ଧୁ ପାତିକା ଏବଂ ହରିୟାଣାର ଦାସ ଓ ସାନ୍ତଲାଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିବା ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ କୃଷ୍ଣଚନ୍ଦ୍ର ସେନାପତି ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ୩ ଅଭିଯୁକ୍ତ ଚନ୍ଦ୍ରପୁରର ଶ୍ୟାମ କିମ୍ବାକା, ମିଶ୍ର କିମ୍ବାକା ଏବଂ ପ୍ରସନ୍ନ କିମ୍ବାକାଙ୍କ ବିରୋଧରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ସେମାନେ ନିର୍ଦ୍ଦୋଷରେ ଖଲାସ ହୋଇଥିବା ଅଭିଯୁକ୍ତଙ୍କ ପାଇଁ ମାମଲା ପରିଚାଳନା କରୁଥିବା ଓକିଲ ଉମାଚରଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତଙ୍କ ପାଇଁ ଓକିଲ ଏ.ପ୍ରତାପ ରାଓ ମାମଲା ପରିଚାଳନା କରୁଥିଲେ। ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେବା ପରେ ସେମାନଙ୍କୁ ଗୁଣପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ରାୟ ପ୍ରକାଶ ପାଇବା ପରେ କୋର୍ଟରେ ଗୁଣପୁର ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ବିପୁଳ ପରିମାଣରେ ଚୋରାକାଠ ପଟା ଜବତ

ମାଲକାନଗିରି,୩୧।୧୦(ଡି.ଏନ.ଏ.)

ମାଲକାନଗିରି ସଦର ବ୍ଲକ ତଣ୍ଡକି ପଞ୍ଚାୟତର ଗୁଟୁମଗୁଡା ଗ୍ରାମରେ ଚୋରା କାଠ ଆଣି ବିକ୍ରି କରାଯାଉଥିବା ଖବର ପାଇ ମାଲକାନଗିରି ବନ ବିଭାଗ ଚଢ଼ାଉ କରି କାଠପଟା ଜବତ କରିଛି। ସୂଚନା ଅନୁଯାୟୀ ଗୁଟୁମଗୁଡା ଗ୍ରାମରେ କିଛି ଅସାଧୁ ବ୍ୟକ୍ତି ବେଆଇନ ଭାବେ ଗଛ କାଟି ସେହି କାଠପଟା ଏବଂ ସାଇଜ କାଠକୁ ବେଆଇନ ଭାବେ ବିକ୍ରି କରୁଥିବା ଖବର ପାଇ ତଣ୍ଡକି ସରପଞ୍ଚ ବାବୁଲା ପଡିଆମୀ ଓ ଗ୍ରାମବାସୀ ବନବିଭାଗକୁ ଖବର ଜଣାଇଥିଲେ। ମାଲକାନଗିରି ରେଞ୍ଜର ଜଗନ୍ନାଥ ପ୍ରସାଦ ବିଶୋଇଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ଦେବାଶିଷ ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ଉକ୍ତ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରିଥିଲେ। ଗ୍ରାମର ଇର୍ମା ପଡିଆମିଙ୍କ ଘର କବାଟ ବାଡ଼େଇବା ପରେ ମଧ୍ୟ ନ ଖୋଲିବାରୁ ଭଙ୍ଗାଯାଇଥିଲା। ଘର ଭିତରେ ଥିବା ୨୦ ଖଣ୍ଡ ସାଇଜ୍ କାଠ ଏବଂ ପଟା ଜବତ କରାଯାଇଛି। ବନ ବିଭାଗ କର୍ମଚାରୀ କାଠ କେଉଁଠାରୁ ଆସିଲା ବୋଲି ଘର ସଦସ୍ୟଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ। ବନ ବିଭାଗ ଦଳ ଉକ୍ତ ଗ୍ରାମର କସା ମୁଚକିଙ୍କ ଘର ମଧ୍ୟ ଯାଞ୍ଚ କରିବା ସମୟରେ ସେଠାରୁ ୨ଟି ସାଇଜ୍ ପଟା ସହ ୩ଟି ପଟା ଜବତ କରିଛନ୍ତି।ଗାଁରୁ କାଠ ଜବତ କରିବା ସମୟରେ କେତେଜଣ ଗ୍ରାମବାସୀ ଅନ୍ୟ ଗ୍ରାମବାସୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା । ତେବେ ଖବର ପାଇ ଚୋରା କାଠ ବେପାରୀମାନେ ଗାଁରୁ ପଳାଇଯାଇଥିବା ଜଣାପଡ଼ିଛି।



## ଦାୟିତ୍ୱ ନେଲେ ଚନ୍ଦାହାଣ୍ଡି ବିଇଓ

ଚନ୍ଦାହାଣ୍ଡି, ୩୧।୧୦(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବିଇଓ ଭାବେ ଶୋଭେନ କୁମାର ମଣ୍ଡଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ବିଶ୍ୱରଂଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଇଓଙ୍କୁ ସ୍ୱାଗତ କରାଯାଇଛି। ଏହି ସମୟରେ ଏବିଇଓ ପ୍ରେମଚାନ୍ଦ ସିଂ ଧୁରୁଆ, ବିଜୟାନନ୍ଦ ସୋରି, ନୀଳକଣ୍ଠ ଦାଶ, ତ୍ରିପତି ଦଳେଇ, ଏମ ବିଘ୍ନେଶ୍ୱର ଆଚାରୀ, ସୌରୀ ରଞ୍ଜନ ସାହୁ, ରେଣୁଧର ପୂଜାରୀ, ଶୋଭାସିଂ ପୋଡ଼, ରଞ୍ଜିତ ସାହୁ, ଆଶିଷ ରଞ୍ଜନ ଖମାରୀ, ରବୀନ୍ଦ୍ର ନାୟକ, ରାଜେଶ୍ୱର ଦଣ୍ଡସେନା,



ଡିଙ୍ଗର ସିଂ ଜଗତ, ଲକ୍ଷ୍ମୀଧର ପୂଜାରୀ, ତିଲଚାନ୍ଦ ନାୟକ, ବୀରବର ପଣ୍ଡା, ହରେକୃଷ୍ଣ ସାହୁ, ଛବିଲାଲ କୋଲଥିଆ, ହେମଲାଲ ନାୟକ, ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ୧୦ କ୍ଲଷ୍ଟରର ସିଆରସିସିଙ୍କ ଦ୍ୱାରା ବରିଷ୍ଠ ସିଆରସିସି ଅଭିରାମ ବଗର୍ତ୍ତିଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

## ରାୟଗଡ଼ା ସହର

### ବିଏସ୍‌ଏଫ୍ ପକ୍ଷରୁ ଏକତା ଦିବସ ପାଳିତ



ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ବିଏସ୍‌ଏଫ୍ ଯବାନମାନେ ବାଇକ୍ ଶୋଭାଯାତ୍ରାରେ ବାହାରିଛନ୍ତି ।

ରାୟଗଡ଼ା ଅଫିସ,୩୧।୧୦

ରାୟଗଡ଼ା ସହର ସ୍ଥିତ ତୁମ୍ପିଗୁଡ଼ାଠାରେ ୯୯ ବିଏସ୍‌ଏଫ କ୍ୟାମ୍ପ ପକ୍ଷରୁ ସୋମବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା। ବିଏସ୍‌ଏଫ୍ ପକ୍ଷରୁ ଅମରିଶ୍ କୁମାର ଧୀର୍ ପତାକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିଥିଲେ। ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ୨୯ ତାରିଖରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଶନିବାର ସାଇକେଲ ଶୋଭାଯାତ୍ରା, ରବିବାର ବାଇକ୍ ଶୋଭାଯାତ୍ରା ଏବଂ ସୋମବାର ଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜଣେ ଜିଓ, ୧୩ ଜଣ ଏସଓଏସ, ୧୦୧ ଜଣ ଓଆରଏସ ଏବଂ ୯୯ ବିଏସ୍‌ଏଫ୍ ସଦସ୍ୟ ଭାଗ ନେଇଥିଲେ।

### ଦୁର୍ନୀତିଠାରୁ ଦୂରେଇ ରହିବାକୁ ଶପଥ

**ଦୁର୍ନୀତି ନିବାରଣ ସପ୍ତାହ**

ରାୟଗଡ଼ା ଅଫିସ,୩୧।୧୦

ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସୋମବାର ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫେରେନ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ସୋମନାଥ ପ୍ରଧାନ, ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ର ନାଥ ରାୟଗୁରୁ, ଡେପୁଟି କଲେକ୍ଟର ନାରାୟଣ ମିଶ୍ର, ଅନ୍ୱେଷା ଦାଶ, ଜିଲା ସଞ୍ଚୟ ସଞ୍ଚୟ ଅଧିକାରୀ ଧ୍ରୁବ ଚରଣ ନାୟକ, କ୍ରୀଡ଼ା ଅଧିକାରୀ ଶେଖ୍ ଅଲନୁର, ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଶାଖାର ଅଧିକାରୀ, ସେକ୍ସନ ଅଫିସର, ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ଦୁର୍ନୀତି ଠାରୁ ଦୂରେଇ ରହିବାକୁ ଶପଥ ନେଇଥିଲେ। ଏହାପରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଜିଲାପାଳ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।




ରାୟଗଡ଼ା ଠାରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କ୍ରେନ୍ ଚାଳକ ମୃତ

ପଡ଼ିଆ/ମାଲକାନଗିରି, ୩୧।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡ଼ିଆ ବ୍ଲକରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ଜଣେ କ୍ରେନ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିହାରର ଜିତେନ୍ଦ୍ର କୁମାର ରାମ। ସୂଚନା ଅନୁଯାୟୀ ପଡ଼ିଆ ବ୍ଲକରେ ଜଳ ଯୋଗାଣ ନିମନ୍ତେ କାବେରୀ ଇଣ୍ଟରନ୍ୟଶନାଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ମେଗା ପାନୀୟ ଜଳ ପ୍ରକଳ୍ପର କାମ ଚାଲିଛି। ଏଥିପାଇଁ ଅଧିକ ସଂଖ୍ୟାରେ ପାଇପ ଆସୁଥିବାବେଳେ ଏକ କ୍ରେନ୍ ଏହି ପାଇପ ଗୁଡ଼ିକୁ ଟ୍ରକ୍‌ରୁ ବାହାର କରି ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖୁଥିଲା। ସୋମବାର ପାଇପ ଗୁଡିକୁ ନେବା ଆଣିବା କରିବା ସମୟରେ ଅସାବଧାନତା ବସତଃ କ୍ରେନ୍ ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ କ୍ରେନ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପଡ଼ିଆ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଟିକିରି,୩୧।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ବିଜେଡି ପକ୍ଷରୁ ଟିକିରି ଠାରେ ସୋମବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ଜିଲା ବିଜେଡି ସଭାପତି ସୁଧୀର କୁମାର ଦାସ, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୟା ମାଝି, ଦଳୀୟ ନେତା ସନ୍ତୋଷ ପାତ୍ର, ଯୁବ ସଭାପତି ଜିତେନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ନେତା ଓ କର୍ମୀ ସ୍ଥାନୀୟ ପେଟ୍ରୋଲ ପମ୍ପଠାରୁ ଶୋଭାଯାତ୍ରାରେ ବାହାରି ମୁଖ୍ୟରାସ୍ତା ଦେଇ ହାଟପଦା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଜେଡିର ବିଭିନ୍ନ ଜନ ହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା।



ପଦଯାତ୍ରାରେ ବାହାରିଥିବା ମନ୍ତ୍ରୀ, ବିଧାୟକ ଓ ଦଳୀୟ କର୍ମୀ ।

## ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

ଗୁଣପୁର,୩୧।୧୦(ଡି.ଏନ୍.ଏ.)

ଗୁଣପୁର ବ୍ଲକ ଟଲଣାଠାରେ ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୮ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ତଥା କଂଗ୍ରେସର ବରିଷ୍ଠ ନେତା ବିଜୟ କୁମାର ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଇଗାନ ଗମାଙ୍ଗଙ୍କ ସମେତ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହି ଇନ୍ଦିରା ଗାନ୍ଧୀଙ୍କ ତୈଳଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଜେଇଏଲ ଚର୍ଚ୍ଚ ପକ୍ଷରୁ ସଂସ୍କାର ଦିବସ ପାଳିତ

ବିଷମକଟକ,୩୧।୧୦(ଡି.ଏନ୍.ଏ.)

ରାୟଗଡା ଜିଲା ବିଷମକଟକ ଚର୍ଚ୍ଚ ପରିସରରେ ଜେଇଏଲ ଚର୍ଚ୍ଚର ୫୦୫ ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ୫୦୫ ବର୍ଷ ତଳେ କ୍ୟାଥୋଲିକ୍ ଚର୍ଚ୍ଚଠାରୁ ଲ୍ୟୁଥେରାନ୍ ଚର୍ଚ୍ଚ ଭାଗ ହୋଇ ପୃଥକ ଭାବେ ପ୍ରତିଷ୍ଠା ହୋଇଥିଲା। ତେଣୁ ଏହି ଦିନକୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ସଂସ୍କାର ଦିବସ ରୂପେ ପାଳନ କରିଛନ୍ତି। ଏହି ଉପଲକ୍ଷେ ସକାଳେ ବିଷମକଟକ ଚର୍ଚ୍ଚରେ ସମୂହ ପ୍ରାର୍ଥନା କରି ଯିଶୁଖ୍ରୀଷ୍ଟ ଆଶୀର୍ବାଦ ଗ୍ରହଣ କରିଛନ୍ତି। ଅପରାହ୍ନରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟତଃ ସର୍ବଧର୍ମ ସମାନ ଏବଂ କୌଣସି ମତଭେଦ ନ ଥିବା କଥା ମାର୍ଟିନ୍ ଲୁଥାର୍ ପ୍ରାଞ୍ଜଳ ଭାବେ କହିଥିଲେ। ଏଥିରେ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ଜୟପୁରର ରାଇଟ ରେଭ ବିଧାନ କୁମାର ନାୟକ, ଥାନା ଅଧିକାରୀ ସୁମତି ମହାନ୍ତି, ବିଡିଓ, ଅତିରିକ୍ତ ତହସିଲଦାର ଝଡେଶ୍ୱର ସୌର, ସରକାରୀ ଆଇନଜୀବୀ ଏସ, ବାବୁରଓ, ଖଦିବୋର୍ଡ ସଦସ ପୃଥ୍ୱୀରାଜ ସାହୁ, ବେନିଆ, ପାଉଲ ବାଘ, ଯୁଲିୟର୍ ପ୍ରଶାନ୍ତ, ବିଷମକଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସଦ ପଟ୍ଟନାୟକ ଏବଂ ପ୍ରଦୀପ ପାଣି ପ୍ରମୁଖ ମଞ୍ଚାସିନ ଥିଲେ। ଜୟପୁରରୁ ଆସିଥିବା ବିଶପ୍ ନିଜ ବାକ୍ତିବ୍ୟରେ ସଂସ୍କାର ଦିବସର ତାତ୍ପର୍ଯ୍ୟ ବିଷୟରେ ଉପସ୍ଥିତ ବିଶ୍ୱାସୀ ମାନଙ୍କୁ ଆବଗତ କରାଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ସଂସ୍କାର ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ନିଜକୁ ଧନ୍ୟ ମନେ କରୁଥିବା କହିବା ସହ ନିଜକୁ ଶୃଙ୍ଖଳିତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜେଇଏଲସିର ପ୍ରମୋଦ ଭାତ୍ରା, ମେଘ ଭତ୍ରା, ବିନୋଦ ଭାତ୍ର, ସୁଧୀର ବେବର୍ତ୍ତା, ଯେମ୍‌ସ ସୁବାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।




ଅତିଥିମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

କୋଷାଗୁମୁଡ଼ା, ୩୧।୧୦(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ମହକୁମାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୋଷାଗୁମୁଡ଼ା ଗ୍ରାମର ସୂର୍ଯ୍ୟ ସରାବୁ (୩୬)। ସୋମବାର ସକାଳେ ଘର କେହି ନ ଥିବାର ସୁଯୋଗ ନେଇ ସେ ବେକରେ ରଣି ବାନ୍ଧି ଆତ୍ମହତ୍ୟା କରିଛନ୍ତି। କବାଟ ବାଡେଇବା ପରେ ମଧ କୌଣସି ଉତ୍ତର ନ ମିଳିବାରୁ ତାଙ୍କ ସ୍ତ୍ରୀ ପଡ଼ିଶା ଲୋକଙ୍କୁ ଡାକି କବାଟ ଭାଙ୍ଗି ଥିଲେ। ସ୍ତ୍ରୀ ସରସ୍ୱତୀ ସାରବୁ କୋଷାଗୁମୁଡ଼ା ଥାନାରେ ଏକ ଲିଖିତ ଅଭିଯୋଗ ଦେବା ପରେ କେସ୍ ନଂ ୧୫/୨୨ ଏକ ଅପମୃତ୍ୟୁ ମାମଲ ରୁଜୁ କରି ପୋଲିସ କହିଛି। ଏଏସ୍ଆଇ ଇନ୍ସପେକ୍ଟର ବସନ୍ତ କୁମାର ସ୍ୱାଇଁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### କଲାର ସମାଜର ନୂଆଁଖାଇ ଭେଟ୍‌ଘାଟ

ଉମରକୋଟ, ୩୧।୧୦(ସ୍ୱ.ପ୍ର.)- ଉମରକୋଟ ସହରରେ ଜିଲା କଲାର ସମାଜ ପକ୍ଷରୁ ଶ୍ରୀ ସହସାଅର୍ଜୁନଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଓ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ କରାଯାଇଛି। ଏହି ଦିବସରେ ସମାଜ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ମାଁ ପେଣ୍ଡୁରାଣୀ ମନ୍ଦିରରୁ ବାହାରି ନଗର ପରିକ୍ରମା କରିଥିଲା। ପରେ ମେନ୍ଦାବେଡାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ବିଶାଳ ରାଲି ଓ ସାଧାରଣ ସଭାରେ ପ୍ରାୟ ୨ହଜାର ଲୋକ ସାମିଲ ହୋଇଥିଲେ। ଏଥିରେ ଜିଲା ଓ ସୀମାନ୍ତ ଛତିଶଗଡ଼ ଓ ମଧ୍ୟପ୍ରଦେଶ ରାଜ୍ୟରୁ ବହୁ ସଂଖ୍ୟକ କଲାର ସମାଜ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ସଭାପତି ପଦ୍ମନାଭ ପାଣ୍ଡେ, ସମ୍ପାଦକ ରାମନାଥ କଲାର, ବ୍ଲକ ସଭାପତି ପବିତ୍ର ସେଠିଆ, ତାରାଚନ୍ଦ କଲାର, କୈଳାସ ଚନ୍ଦ୍ର ମାଝି ଓ କେତକୀ ବାଘଲ ପ୍ରମୁଖ ଅଭିଭାଷଣ ଦେଇଥିଲେ।

### ୪୧ ଅଭିଯୋଗ ଶୁଣିଲେ ଜିଲାପାଳ

କୋଷାଗୁମୁଡା,୩୧।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଡକ୍ଟର କମଲଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଆସି ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ଜିଲାପାଳ ୪୧ ଅଭିଯୋଗ ଶୁଣିଥିଲେ। ସମସ୍ତ ଅଭିଯୋଗ ଶୁଣାଣୀ କରି ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର, ଜଣକୁ ଟ୍ରାଇ ସାଇକଲ ଏବଂ ୧୦ଜଣ ଦିବ୍ୟାଙ୍ଗଙ୍କୁ ସ୍ମାର୍ଟ୍ କାର୍ଡ(ୟୁଡିଆଇଡି) ପ୍ରଦାନ କରାଯାଇଛି। ବ୍ଲକର ୨୫ଟି ହାଇସ୍କୁଲକୁ ପଙ୍ଖା ବଣ୍ଟନ କରଯାଇଥିଲା। ଶିବିରରେ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝୀ, ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଦୁର୍ନୀତି ବିରୋଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ୍’



ଜିଲାପାଳ ସମସ୍ତଙ୍କୁ ଶପଥପାଠ କରାଉଛନ୍ତି।

**ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସାଧୁତାର ଶପଥ ପାଠ**

ନବରଙ୍ଗପୁର, ୩୧।୧୦(ବି.ପ୍ର.)

ଦୁର୍ନୀତି ନିବାରଣ ସପ୍ତାହ ୨୦୨୨ ପାଳନ ଅବସରରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱାରା ଦୁର୍ନୀତି ନିବାରଣ ସମ୍ପର୍କିତ ସାଧୁତାର ଶପଥ ପାଠ ଉତ୍ସବ କରାଯାଇଛି। ନବରଙ୍ଗପୁର ଜିଲାର ସମସ୍ତ ବ୍ଲକରେ ଅଧିକାରୀମାନେ ନିଜ ନିଜ କାର୍ଯ୍ୟାଳୟରେ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ ଶପଥ ପାଠ କରିଥିଲେ। ସେହିଭଳି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୱାନ ସଭାଗୃହରେ ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡେପୁଟି ଜିଲାପାଳ ନିର୍ମଳ ନାୟକ, ମୌସୁମୀ ନାୟକ, ଡିଇଓ ପ୍ରଦୀପ କୁମାର ନାଗ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଜିଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲିପ୍ କୁମାର ଦାସ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପ୍ରମୁଖ ଯୋଗଦେଇ ସାଧୁତାର ଶପଥ ପାଠ କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଅଧିକାରୀ ଓ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଜିଲାପାଳ ଶପଥପାଠ କରାଇଛନ୍ତି। ଦେଶର ଆର୍ଥିକ, ରାଜନୈତିକ, ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ। ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟ ନିଷ୍ଠାରେ ପ୍ରତିବଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ୍ ବୋଲି ଜିଲ୍ଲାପାଳ କହିଛନ୍ତି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିନ ଅବସର ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଜିଲାପାଳ ଡକ୍ଟର ମିଶ୍ର ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଶପଥ ପାଠ କରାଇଥିଲେ। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ସମସ୍ତଙ୍କ ପ୍ରମୁଖ ଭୂମିକା ଓ କର୍ତ୍ତବ୍ୟ ବୋଲି ଜିଲାପାଳ କହିଥିଲେ।

## ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ନେଇ ଶପଥ

କୋରାପୁଟ,୩୧।୧୦(ସ୍ୱ.ପ୍ର.)


ଏସ୍ଏଚ୍‌ଜି ସଦସ୍ୟ ଓ ଆଶାକର୍ମୀମାନେ ଶପଥ ନେଉଛନ୍ତି।

ଦୁର୍ନୀତୀ ନିବରାଣ ସପ୍ତାହ ଅବସରରେ ସୋମବାର କୋରାପୁଟ ଟାଉନ ଥାନା ପରିସରରେ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ନେଇ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ପୋଲିସ ଏସ୍‌ଡିପିଓ ମୋନଜ କୁମାର ପୁଜାରୀଙ୍କ ନେତୃତ୍ୱରେ କରାଯାଇଥିବା ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଟାଉନ ଥାନାଧିକାରୀ ଧୀରେନ କୁମାର ପଟ୍ଟନାୟକ ଓ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଦୁର୍ନୀତୀ ମୁକ୍ତ ସମାଜ ଗଠନ ନେଇ ଶପଥପାଠ କରିଥିଲେ। ସେହିପରି କୋରାପୁଟ ଜିଲାପ୍ରଶାସନ ପକ୍ଷରୁ ସ୍ଥାନୀୟ ଓସୱାନ କକ୍ଷରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝି, ଡେପୁଟି କଲେକ୍ଟର ସାଗରିକା ଷଡଙ୍ଗୀ, ନୀଳମାଧବ ଶତପଥୀ, ଡିଆଇପିଆର୍‌ଓ ସ୍ୱରାଜ୍ୟ ଶିଶା ପ୍ରମୁଖ ଉପସ୍ଥିତ ରହି ଦୁର୍ନୀତୀମୁକ୍ତ ସମାଜ ଗଠନ ନେଇ ଶପଥ ନେଇଥିଲେ। ସ୍ଥାନୀୟ ଜଳିପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାର ଆଶାକର୍ମୀ, ଏସ୍ଏଚ୍‌ଜି ମହିଳାମାନେ ଦୁର୍ନୀତୀ ନିବାରଣ ସପ୍ତାହ ନେଇ ଶପଥ ନେଇଛନ୍ତି।

### ଗୋ ସମ୍ବର୍ଦ୍ଧନା ସପ୍ତାହ ପାଳନ

ଲକ୍ଷ୍ମୀପୁର, ୩୧।୧୦ (ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ାରେ ଜିଲାସ୍ତରୀୟ ୭୧ ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଏବଂ ପ୍ରାଣୀ ଚିକିତ୍ସା ସେବା ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରବିନାରାୟଣ ପଣ୍ଡା ମୁଖ୍ୟ ଅତିଥି, କୋରାପୁଟ ପ୍ରାଣୀ ଉପଖଣ୍ଡ ଅଧିକାରୀ ଡାକ୍ତର ସୀମାନ୍ତ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଜ ଦେଇଥିଲେ। ଲକ୍ଷ୍ମୀପୁର ପ୍ରାଣୀ ଚିକିତ୍ସାଧିକାରୀ ଜୀବନ ମୁଣ୍ଡା, ମନୋଜ ବେହେରା, ଭ୍ରାମ୍ୟମାଣ ଡ଼ାକ୍ତର ଆଶୁତୋଷ ମଲ୍ଲିକ ଏବଂ କାକିରିଗୁମ୍ମା ପ୍ରାଣୀ ଚିକିତ୍ସାକେନ୍ଦ୍ରର ଭାରପ୍ରାପ୍ତ ଡ଼ାକ୍ତର ହରେଷ ଦଳେଇ, ଗୌଡ଼ଗୁଡ଼ା ପ୍ରାଣୀ ନିରୀକ୍ଷକ ପ୍ରମୋଦ ସାହୁ, କୁସୁମଗୁଡ଼ା ପ୍ରାଣୀ ନିରୀକ୍ଷକ ଅରୂପା ସାହୁ, ଚମ୍ପି ପ୍ରାଣୀ ନିରୀକ୍ଷକ ରଞ୍ଜିତ ଗୁଲ୍ଲା, ପଞ୍ଜଡ଼ା ପ୍ରାଣୀ ନିରୀକ୍ଷକ ଲାଲ୍ ବାହାଦୁର ବିଷୋୟୀ, ଭିତରଗଡ଼ ପ୍ରାଣୀ ନିରୀକ୍ଷକ ଜଗନ୍ନାଥ ସାଗର, ବ୍ଲକ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମୁନ୍ନା ବିଷୋୟୀ, ପ୍ରାଣୀମିତ୍ର ଦିଲେଶ୍ୱରୀ ଗୃହପାଳିତ ପ୍ରାଣୀଙ୍କୁ ଟିକା ଦେବା ଓ ମାଗଣା ଔଷଧ ବିତରଣ କରିଥିଲେ। ଜିଲାର ବିଭିନ୍ନ ବ୍ଲକରେ ଏପରି କାର୍ଯ୍ୟକ୍ରମ ଚାଲିବ। କୋରାପୁଟ ଜିଲା ସଦରରେ ମଙ୍ଗଳବାର ଗୋ ସମ୍ବର୍ଦ୍ଧନା ଦିବସ ପାଳନ କରାଯିବ ବୋଲି କୋରାପୁଟ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

କୋଡିଙ୍ଗା, ୩୧।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷଗୁମଡା ବ୍ଲକ ଅଧୀନ କୋଡ଼ିଙ୍ଗା ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍ଏସ୍ଏସ୍ ଏବଂ ୱାଇଆର୍‌ସିର ମିଳିତ ସହଯୋଗରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଉପାଧ୍ୟକ୍ଷ ବିବେକ କୁମାର ମହାଲିକ ମୁଖ୍ୟ ଅତିଥି, ଏନ୍ଏସ୍ଏସ୍ ଅଧିକାରୀ ଡ ରବି ନାରାୟଣ ପାଣିଗ୍ରାହୀ, ୱାଇଆର୍‌ସି ସଂଯୋଜକ ତଥା ରେଡକ୍ରସ୍ କାଉନସିଲର ଅଧ୍ୟାପକ ଅଖିଳ କୁମାର ଭଞ୍ଜ, ଅଧ୍ୟାପକ ପଞ୍ଚାନନ ଦୁରିଆ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ୱାଧୀନ ଭାରତରେ ସର୍ଦ୍ଦାର ପଟେଲଙ୍କ ଅବଦାନ ବିଷୟରେ ମତ ଦେଇଥିଲେ। ଏକତା ଦିବସ ପାଳନ ଅବସରରେ ସମସ୍ତ ଛାତ୍ର ଛାତ୍ରୀ ଓ ଅଧ୍ୟାପକ ମାନେ ଦେଶର ଏକତା ଓ ଅଖଣ୍ଡତା ଓ ନିରାପତ୍ତା ପ୍ରତିଷ୍ଠା କରିବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ସମସ୍ତ ଛାତ୍ରୀ ଛାତ୍ର ଯୋଗ ଦେଇଥିଲେ।

### ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

ଉମରକୋଟ, ୩୧।୧୦(ସ୍ୱ.ପ୍ର.)

ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୮ ତମ ଶ୍ରାଦ୍ଧ ଦିବସ ଉମରକୋଟସ୍ଥିତ ସାନଭରଣ୍ଡୀ ପଡିଆରେ ଆୟୋଜିତ ହୋଇ ଯାଇଛି। ପୂର୍ବତନ ମନ୍ତ୍ରୀ ପରମା ପୂଜାରୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ଦଳମତ ନିର୍ବିଶେଷରେ ସମସ୍ତେ ଇନ୍ଦିରା ଗାନ୍ଧୀଙ୍କ ଫଟୋରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ସାନଭରଣ୍ଡୀ ପଡିଆରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖିବାକୁ ସମସ୍ତେ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀଙ୍କୁ ଅନୁରୋଧ କରିଥିଲେ। ଇନ୍ଦିରା ଗାନ୍ଧୀ ୧୯୮୪ ମସିହା ଅକ୍ଟୋବର ୨୯ରେ ଏଠାରେ ଶେଷ ସାଧାରଣ ସଭାରେ ଯୋଗ ଦେଇଥିଲେ। ଅକ୍ଟୋବର ୩୧ରେ ଆତତାୟୀଙ୍କ ଗୁଳିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାଗିରଥି ନାୟକ, ସନ୍ତୋଷ ସୂତ୍ରଧର, ସରାଦୁ ଭତ୍ରା, ଅର୍ଜୁନ ସମରଥ, ରାମନାଥ କୁମ୍ଭାର, ଘନଶ୍ୟାମ ଭଞ୍ଜ, ଶଙ୍କର ଭଞ୍ଜ, ଗୀତା ଦିଦି ପ୍ରମୁଖ ଉପସ୍ଥିତ ଥିଲେ।

## ପରିବାରର ମଙ୍ଗଳ ମନସି କଲେ ସୂର୍ଯ୍ୟପୂଜା

ସୁନାବେଡା,୩୧।୧୦(ସ୍ୱ.ପ୍ର.)

**ବିହାରୀ ସମାଜର ଛଟ୍ ପୂଜା**

ବିହାରୀ ସମାଜର ସଟ ପୂଜା ଉତ୍ସବ ସୁନାବେଡାସ୍ଥିତ ଟିମ୍ବର ବ୍ରିଜ ଜଳ ଭଣ୍ଡାରଠାରେ ଅନୁଷ୍ଠିତ ହୋଇଯାଇଛି। ଛଟ୍ ପୂଜା ସେବା ସମିତି ସୁନାବେଡା ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିହାରୀ ସମାଜ ସଦସ୍ୟମାନେ ରବିବାର ନିଜ ପରିବାର ଶାନ୍ତି ଓ ସୁସ୍ଥ ଜୀବନ ମନାସୀ ସୂର୍ଯ୍ୟ ଦେବଙ୍କୁ ପୂଜା କରିଥିଲେ। ସୋମବାର ସକାଳୁ ସୂର୍ଯ୍ୟୋଦୟବେଳେ ସମରୁପଭାବେ ପରିବାରର ମଙ୍ଗଳ କାମନା ମାନସୀ ପୂଜା କରଥିଲେ। ଏହି ପୂଜା ଦୀପାବଳି ଯିବାର ୩ ଦିନ ପରଠାରୁ ବିହାରୀ ସମାଜର ପରିବାର ପ୍ରତ୍ୟେକ ଘରେ ଘରେ ନିଷ୍ଠାର ସହ ପାଳନ କରାଯାଏ। ପ୍ରଥମ ଦିନର ରାତ୍ରିରୁ ପୂଜା ହୋଇଥାଏ। ଏଥିରେ କଦୁଭାତ (ଲାଉରେ ତିଆରି ଖାଦ୍ୟକୁ) ଭୋଗ ଲଗାଇ ପ୍ରସାଦଭାବେ ସେବନ କରନ୍ତି। ପର ଦିନ ଖରନା ପୂଜା ହୋଇଥାଏ। କ୍ଷୀରି ଓ ପୁରୀ ଭଳି ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି ଭୋଗ ଲଗାଇବା ସହ ପ୍ରସାଦ ରୂପେ ସେବନ କରିଥାନ୍ତି। ଏହି ଉତ୍ସବ ବିହାରୀ ସମାଜର ପରିବାର ୪ ଦିନ ଧରି ପାଳନ କରିଥିବାବେଳେ ଶେଷ ୨ ଦିନ ପୂଜାରେ ସୂର୍ଯ୍ୟଦେବଙ୍କ ଅସ୍ତ ସମୟ ନଦୀ ତଟରେ ପିଠା ପଣା, ମିଠା ବିଭିନ୍ନ ଫଳ ଆଦି ଭୋଗ ଲଗାଯାଏ। ପୂଜାର୍ଚ୍ଚନା ସହ ସୂର୍ଯ୍ୟଦେବଙ୍କୁ ଜଳାଭିଷେକ କରାଯାଏ। ଏହି ଉତ୍ସବରେ ସେମିଳିଗୁଡା, ସୁନାବେଡା ଓ ଦାମନଯୋଡି ଅଞ୍ଚଳରେ ବସବାସ କରୁଥିବା ବିହାରୀ ସମାଜର ଶତାଧିକ ପରିବାରର ସଦସ୍ୟ ଉପସ୍ଥିତ ଥିଲେ।


ନଦୀକୂଳରେ ସୋମବାର ସକାଳୁ ହୋଇଥିବା ପୂଜା।

## କ୍ରୀଡ଼ାରେ ପାରଦର୍ଶିତା ଦେଖାଇବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ଉମରକୋଟ, ୩୧।୧୦(ସ୍ୱ.ପ୍ର.)

ଏକତା ଦିବସ ପାଳନ ଅବସରରେ ନବରଙ୍ଗପୁର ଜିଲା ଉମରକୋଟରେ "ରନ ଫର୍ ୟୁନିଟ୍ କାର୍ଯ୍ୟକ୍ରମ କରାଯାଇଛି। ବିଭିନ୍ନ ବର୍ଗର ପିଲାଙ୍କୁ ନେଇ ଏକ ଦୌଡ ପ୍ରତିଯୋଗିତା କରାଯାଇଥିଲା। ଏହାକୁ ନେହ୍ରୁ ଯୁବ କେନ୍ଦ୍ର ନବରଙ୍ଗପୁର ଓ ଜିଲା ବଲ୍ ବ୍ୟାଡ୍ ମିଣ୍ଟନ ସଂଘ ମିଳିତ ସହଯୋଗରେ କରାଯାଇଥିଲା। ଉମରକୋଟ ନୂତନ ବସ୍ ଷ୍ଟାଣ୍ଡରୁ ଏକ ମିନି ମାରାଥନ ବାହାରି ଥିଲା। ଏହି ମାରାଥନକୁ ପୋରାଧକ୍ଷା ରାଧା ଭତ୍ରା, ବିଡିଓ ହିମାଞ୍ଚଳ ମାଝି ପତାକା ଦେଖାଇ ଆରମ୍ଭ କରିଥିଲେ। ମାରାଥନ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ପହଞ୍ଚିବାପରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଖେଳରେ କିପରି ନିଜ ଭବିଷ୍ୟତ ଗଢିବେ ଓ ଦେଶ ପାଇଁ ଗୌରବ ଆଣିବେ ସେ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପୌରାଧକ୍ଷା ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାସ, ଉମରକୋଟ ଥାନାଧିକାରୀ ଦୀପକ ଜେନା, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର ସାହୁ, ଜିଲା ଯୁବ ଅଧିକାରୀ ବି. ରମେଶ, କ୍ରୀଡା ଶିକ୍ଷକ ନିକୁଞ୍ଜ ବିହାରୀ ବେହେରା, ବ୍ରଜବନ୍ଧୁ କାଣ୍ଡି, ଜିଲା କ୍ରୀଡା ସଂଘ ଇଣ୍ଡୋରଗେମ ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଅତିଥି ଭାଗ ନେଇଥିଲେ। କାର୍ଯ୍ୟକ୍ରମ ସୂଚାରୁ ରୁପେ ପରିଚାଳନା କରିଥିବାରୁ ଏମ୍. ବିଜୟ କୁମାର ଓ ସପନ ବୈରାଗୀଙ୍କୁ ଜିଲା କ୍ରୀଡାଧିକାରୀ ଧନ୍ୟବାଦ ଜଣାଇଥିଲେ। ଶେଷରେ ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା କ୍ରୀଡ଼ା ସଂଘ ସଂଯୋଜିକା ଇଂ.ଚନ୍ଦନା ମଲିକ ମଞ୍ଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ପିଲାଙ୍କୁ ସ୍କୁଲ ଛାତ ପକା କାମରେ ଲଗାଇବା ଭିଡିଓ ଭାଇରାଲ

ପାପଡାହାଣ୍ଡି/ନବରଙ୍ଗପୁର, ୩୧।୧୦(ଡି.ଏନ୍.ଏ./ବି.ପ୍ର.)

**ସିଆରସିସି କଲେ ତଦନ୍ତ**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ପିତାରୀଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରମାନେ ସ୍କୁଲ ଛାତ କାମ କରୁଥିବା ଏକ ଭିଡ଼ିଓ ସୋମବାର ଭାଇରଲ ହୋଇଛି। କୁନି କୁନି ଛାତ୍ରମାନେ ହାତରେ ଝୁଡି ଧରି ବାଲି ବୋହୁ ଥିବା ଭିଡିଓରେ ଦେଖିବାକୁ ମିଳିଛି । ଏହାକୁ ନେଇ ଗ୍ରାମରେ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଭିଡିଓ ଭାଇରାଲ ପରେ ବିଇଓଙ୍କ ନିର୍ଦ୍ଦେଶ କ୍ରମେ ସିଆରସିସି ବିଦ୍ୟାଳୟରେ ତଦନ୍ତ କରିଛନ୍ତି।

ସୂଚନାନୁଯାୟୀ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୧୨୨ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଛାତରୁ ବର୍ଷା ଦିନେ ପାଣି ଗଳୁଥିବାରୁ ମରାମତି କାମ ଚାଲିଛି। ରବିବାର ଛୁଟି ଥିବାରୁ ପ୍ରଧାନ ଶିକ୍ଷକ ଗୌତମ ସାହୁ ଛାତକାମ କରାଇବାକୁ ସ୍କୁଲକୁ ଯାଇଥିଲେ। ବିଦ୍ୟାଳୟରେ ପଢୁଥିବା ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ୪ଜଣ ଛାତ୍ର କାମ କରୁଥିବା ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲିଥିଲା। ୧ରୁ ୧୪ ବର୍ଷ ମଧ୍ୟରେ ପିଲାଙ୍କୁ କାମ ନ କରାଇବାକୁ ନିୟକ ଥିବାବେଳେ ଏପରି ଭିଡିଓ ଦେଖି ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କେତେଜଣ ଅଭିଭାବକ ଭିଡିଓ ଦେଖିବା ପରେ ପ୍ରଧାନ ଶିକ୍ଷକଙ୍କ ସହ ବଚସା କରିଥିଲେ। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଗୌତମ ସାହୁଙ୍କୁ ପଚାରିବାରୁ ପିଲାମାନେ ଖେଳୁଥିଲେ। ମୁ ଶ୍ରମିକଙ୍କୁ ଖୋଜିବା ପାଇଁ କମିଟି ସଭାପତିଙ୍କ ଘରକୁ ଯାଇଥିଲି। ଉକ୍ତ ସମୟରେ କେହି ଫଶାଇବା ପାଇଁ ପିଲାମାନଙ୍କ ଦ୍ୱାରା କାମ କରି ଭିଡ଼ିଓ ଭାଇରଲ କରିଛି ବୋଲି ସେ କହିଛନ୍ତି। ପାପଡାହାଣ୍ଡି ବିଇଓ ବୀରେନ୍ଦ୍ର ପାଢ଼ୀ ଏ ବିଷୟରେ ଖବରବାଇ ଏବିଇଓ ଲକରାମ ରନ୍ଦାରି ଓ ସିଆରସିସି ସନିଆ ସୁନାନୀଙ୍କୁ ବିଦ୍ୟାଳୟକୁ ଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିଆରସିସି ବିଦ୍ୟାଳୟକୁ ଯାଇ ଏ ଭିଡିଓ ଭାଇରାଲ ର କେତେ ସତ୍ୟାସତ୍ୟ ତଦନ୍ତ କରିଥିଲେ। ଘଟଣାର ତଦନ୍ତ କରି ବିଇଓଙ୍କୁ ରିପୋର୍ଟ ପ୍ରଦାନ କରିଛି ବୋଲି ସିଆର୍‌ସିସି କହିଛନ୍ତି। ମଙ୍ଗଳବାର ଏବିଇଓ ପୁଣି ଏଠାରେ ତଦନ୍ତ କରିବେ ବୋଲି କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି।

## କଲେଜରେ ଖୋଲିଲା ଗୃହ ବିଜ୍ଞାନ ବିଭାଗ

ଜୟପୁର, ୩୧।୧୦(ନି.ପ୍ର.)

ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉଦ୍ୟମରେ ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନୂତନ ଭାବେ ଗୃହ ବିଜ୍ଞାନ ବିଷୟ ଖୋଲିବା ନେଇ ବିଜ୍ଞପ୍ତି ଜାରି କରିଛି ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ । ଏହି ବିଷୟ ଖୋଲିବା ଦ୍ୱାରା ଅବିଭକ୍ତ କୋରାପୁଟ ଜିଲାର ଗର୍ବ ଗୌରବ। ବିକ୍ରମ ଦେବ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପାଇଁ ଆଉ ପାଦେ ଆଶା ଉଲ୍ଲସିତ ହେଲା। ଏହି ବିଭାଗ ଖୋଲିବା ଦ୍ୱାରା ଅବିଭକ୍ତ କୋରାପୁଟ ଜିଲାବସୀ ଖୁସି ପ୍ରକଟ କରିବା ସହ ବିଧାୟକଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଗ୍ରାମୀଣ ବିକାଶରେ ୱାର୍ଡମେମ୍ବରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ନବରଙ୍ଗପୁର,୩୧।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ପରିଷଦ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଗ୍ରାମ୍ୟ ବିକାଶ ସଂଗଠନ ପକ୍ଷରୁ ମିଳିତ ଭାବେ ୱାର୍ଡ ମେମ୍ବରମାନଙ୍କୁ ଦାୟିତ୍ୱ ଓ ଭୂମିକା ଉପରେ ତାଲିମ ଦିଆଯାଇଛି। ନବରଙ୍ଗପୁର ଜିଲା ସଦର ବ୍ଲକର ୧୩ ପଞ୍ଚାୟତର ୧୪୮ ୱାର୍ଡ ମେମ୍ବରଙ୍କୁ ତିନୋଟି ପର୍ଯ୍ୟାୟରେ ଗ୍ରାମ୍ୟ ବିକାଶ ସଂଗଠନ ତାଲିମ କେନ୍ଦ୍ରରେ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମ ୧୯ରୁ ଆରମ୍ଭ ହୋଇ ଚଳିତ ମାସ ୩୧ ତାରିଖରେ ଉଦ୍‌ଯାପିତ ହୋଇଛି। ଜିଲା ପରିଷଦର ଉପପ୍ରକଳ୍ପ ନିର୍ଦ୍ଦେଶକ ଧର୍ମ ନାରାୟଣ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ୱାର୍ଡ ମେମ୍ବରମାନେ ସେମାନଙ୍କ ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଜାଣିଲେ ସରକାରୀ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚିପାରିବ ବୋଲି ସେ କହିଥିଲେ। ଗ୍ରାମୀଣ ବିକାଶରେ ୱାର୍ଡମେମ୍ବରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା ହୋଇଛି। ତାଲିମ ପାଇବା ପରେ ତାହାକୁ କାର୍ଯ୍ୟରେ ଲଗାଇବାକୁ ଗ୍ରାମ୍ୟ ବିକାଶ ସଙ୍ଗଠନ ମୁଖ୍ୟ ଈଶ୍ୱର ପ୍ରସାଦ ସାବୁତ ପରାମର୍ଶ ଦେଇଛନ୍ତି। ୧୩୮ଜଣ ତାଲିମ ନେଇଥିଲେ। ପୂର୍ବାହ୍ନରେ ତାଲିମ ଓ ଅପରାହ୍ନରେ ସରକାରଙ୍କ ପକ୍ଷରୁ ୫-ଟି ମାଧ୍ୟମରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ଦେଖିବା ପାଇଁ କ୍ଷେତ୍ର ପରିଦର୍ଶନ କାରାଯାଇଥିଲା। ଗୋପାଳ କୃଷ୍ଣ ସାହୁ, ସ୍ମରଣୀକା ପଟ୍ଟନାୟକ, ହବିବ ମହମ୍ମଦ, ସନ୍ତୋଷ ଷଡଙ୍ଗୀ, ଗଜେନ୍ଦ୍ର ଦାସ ଓ ସୀମାଞ୍ଚଳ ପତ୍ର ତାଲିମ ଦେଇଥିଲେ।



ତାଲିମ କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟ, ତାଲିମଦାତା ଓ ଅନ୍ୟମାନେ।

## ପାଳିକରି ରୋଗୀ, ପ୍ରସୂତିଙ୍କୁ ଭାରରେ ବୋହୁଛନ୍ତି ଗ୍ରାମବାସୀ

ଦଶମନ୍ତପୁର, ୩୧।୧୦(ଡି.ଏନ୍.ଏ.)

- ଜଙ୍ଗଲ, ପାହାଡ଼ ଘେରା ଗାଁ ମିଟକର୍ଲ୍ଲି
- ଗାଁକୁ ନାହିଁ ପକ୍କା ରାସ୍ତା

କେନ୍ଦ୍ର ଓ ରାଜ୍ୟ ସରକାର ନିରୀହ ଗରିବ ଶ୍ରେଣୀର ଆଦିବାସୀଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ସେମାନଙ୍କୁ ଏହାର ସୁବିଧା ଯେପରି ମିଳିବ ସେ ଦିଗରେ କାର୍ଯ୍ୟ ମଧ୍ୟ କରାଯାଉଛି। କିନ୍ତୁ ଏଭଳି ଏକ ଗ୍ରାମ ରହିଛି ଯେଉଁଠାରେ ଲୋକଙ୍କୁ ସେମାନଙ୍କ ମୌଳିକ ସୁବିଧା ମିଳିପାରୁନି। ଲୋକେ ଏବେବି ପୋଡୁଚାଷ କରି ଯେନତେନ ପ୍ରକାରେ ସେମାନଙ୍କ ଗୁଜୁରାଣ ମେଣ୍ଟାଉଛନ୍ତି। ଏହା ହେଉଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ଅଧୀନ ‘ମିଟକର୍ଲ୍ଲି’ ଗ୍ରାମର କଥା।

ମିଟକର୍ଲିରେ ୫୦ ଆଦିବାସୀ ସମ୍ପ୍ରଦାୟର ପରିବାର ବସବାସ କରୁଛନ୍ତି। ଏମାନଙ୍କ ମୁଖ୍ୟ ଜୀବିକା ହେଲା ପୋଡୁଚାଷ। ଏହା ବ୍ୟତୀତ ସେମାନଙ୍କର ରୋଜଗାରର ଅନ୍ୟ କୌଣସି ମାଧ୍ୟମ ନାହିଁ। ଗ୍ରାମବାସୀଙ୍କୁ ସରକାରୀ ସୁବିଧା ମିଳୁନି। ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ହେଲା ରାସ୍ତା ଏବଂ ପାନୀୟ ଜଳ। ପଞ୍ଚାୟତ ସଦରରୁ ୭ ଓ ବ୍ଲକରୁ ୧୭ କିମି ଦୂରରେ ଏହି ଗାଁ। ଗାଁକୁ ଯିବାକୁ ହେଲେ ପୂର୍ବରେ ପୋଡପୂଜା ଡଙ୍ଗର, ପଶ୍ଚିମରେ କାଙ୍ଗୁ ଆମ୍ବ ଡଙ୍ଗର, ଉତ୍ତରରେ ସାହିମୁଣ୍ଡ ଡଙ୍ଗର ଏବଂ ଦକ୍ଷିଣରେ ଦେବତା ଘର ଡଙ୍ଗରର ଜଙ୍ଗଲିଆ ପାହାଡ ପର୍ବତ ଡେଇଁ ଯିବାକୁ ପଡେ। ମରିଚ ମାଳ ଛକ, କେମିଲୀ ଗାଁ ଡଙ୍ଗର, ପାହାଡ ପର୍ବତ ରାସ୍ତା ସହ ଚଞ୍ଚଡ଼ା ଯୋଡ଼ି ନାଳ ପାର ହୋଇ ଗାଁ ଲୋକେ ଯାତାୟାତ କରୁଛନ୍ତି। ରାସ୍ତାର ଦୁରବସ୍ଥା ଯୋଗୁ ୪ ଚକିଆ ଗାଡି କଥା ଛାଡନ୍ତୁ, ଆମ୍ବୁଲାନ୍ସ ମଧ ଦେଖି ନାହୁଁ ବୋଲି ଗାଁର ନୀଳକଣ୍ଠ ମୁଦୁଲି, ଯଦୁ ସାଉନ୍ତା, ସବନ ସାଉନ୍ତା, ଶ୍ୟାମ ସାଉନ୍ତା, ଦାତ ଦିଷାରୀ ପ୍ରମୁଖ କହିଛନ୍ତି। ଗାଁର କୌଣସି ରୋଗୀ କିମ୍ବା ଗର୍ଭବତୀ ଓ ପ୍ରସୂତୀଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ହେଲେ ଗାଁ ଲୋକେ ପାଳି କରି ଭାର କିମ୍ବା ଦୋଳାରେ ମରିଚମାଳ ଛକ ଯାଏ ନେଇଥାନ୍ତି ବୋଲି ରାମଦାସ ମୁଦୁଲି, ଚିତ୍ରୁ ସାଉଁନ୍ତା, ସାହେବ ମୁଦୁଲି ପ୍ରମୁଖ ପ୍ରକାଶ କରିଛନ୍ତି। ବ୍ଲକ ପ୍ରଶାସନରୁ ଆରମ୍ଭ କରି ଜିଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ ମଧ କେହି ଶୁଣି ନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଦୀପାବଳି ପୂର୍ବରୁ ପ୍ରଥମ କରି ଦଶମନ୍ତପୁର ବିଡିଓ ଡମ୍ବରୁଧର ମଲ୍ଲିକ ଗାଁକୁ ଆସିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଖରା ଓ ଶୀତ ଦିନରେ ଯେପରି ଭାବେ ହେଲେ ମଧ ଯିବା ଆସିବା କରୁ। କିନ୍ତୁ ବର୍ଷା ଦିନରେ ଲୋକେ ଏହି ରାସ୍ତାରେ ଯିବା ଆସିବା ବିପଦପୂର୍ଣ୍ଣ ବୋଲି ଗ୍ରାମବାସୀ କହିଛନ୍ତି। ମରିଚମାଳ ଛକରୁ ଗାଁକୁ ପକ୍କା ରାସ୍ତା ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ଧାରଣା ଦେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ଗାଁକୁ ସଂଯୋଗ କରୁଥିବା ଚଞ୍ଚଡ଼ାଯୋଡ଼ି ନାଳ ।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୧ ନଭେମ୍ବର, ୨୦୨୨



# ‘ଏଣିକି ରାତିଅନିଦ୍ରା ହେବାକୁ ପଡ଼ିବ ନାହିଁ’

**ଜୟପୁର ୩୧।୧୦ (ନି.ପ୍ର.)**

■ ଭୁବନେଶ୍ୱର-ଜୟପୁର ଦୈନିକ ବିମାନ ଚଳାଚଳ ଆରମ୍ଭ

■ ଜୟପୁରରେ ଯାତ୍ରୀଙ୍କୁ ସ୍ୱାଗତ



ଜୟପୁର ବିମାନ ବନ୍ଦରରେ ଯାତ୍ରୀଙ୍କୁ ସ୍ୱାଗତ କରାଯାଉଛି।

ଅବିଭକ୍ତ କୋରାପୁଟ ଜିଲାର ବହୁ ବର୍ଷର ଦାବି ପୂରଣ ହୋଇଛି। ଆଜି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ‘ଉଡାନ’ ଯୋଜନାରେ ଜୟପୁରରୁ ଭୁବନେଶ୍ୱରକୁ ସବୁ ଦିନିଆ ବିମାନ ଚଳାଚଳ ସେବା ଆରମ୍ଭ ହୋଇଛି। ଏହି ଅନୁମତି ପତ୍ର ବିଭାଗ ପକ୍ଷରୁ ଓଡ଼ିଶା ସରକାରଙ୍କୁ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର-ଜୟପୁର-ବିଶାଖାପାଟଣା ଓ ବିଶାଖାପାଟଣା-ଜୟପୁର-ଭୁବନେଶ୍ୱରକୁ ୯ ସିଟ୍ ବିଶିଷ୍ଟ ବିମାନ ଉଡ଼ିବ। ପରବର୍ତ୍ତୀ ସମୟରେ ବଡ଼ ବିମାନ ଉଡ଼ିବା ନେଇ ସୂଚନା ରହିଛି ।

ଭୁବନେଶ୍ୱର ଏୟାରପୋର୍ଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିମାନ ଉଡ଼ାଣ ସେବାର ଶୁଭାରମ୍ଭ କରିଛନ୍ତି। ଜୟପୁରରେ ବିମାନ ଅବତରଣ କରିବା ପରେ ବାଜା, ନାଚ ଗୀତରେ ଖୁସିର ମାହୋଲ ଥିଲା। ବିମାନରେ ଆସିଥିବା ଯାତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା। ଜୟପୁର ଏୟାରପୋର୍ଟରେ କୋରାପୁଟ ଜିଲାପାଳ ଅବ୍ଦାଲ ମହମ୍ମଦ ଅକ୍ତାର, ଏସ୍‌ପି ବରୁଣ ଗୁଣ୍ଡପାଲ୍ଲି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, କୋଟପାଡ ବିଧାୟକ ପଦ୍ମିନୀ ଦିଆନ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି. ସୁନୀତା, ରାସ୍ତା ଓ ଗୃହ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାମନ୍ତରାୟ, ଉପଜିଲାପାଳ ବେଦବର ପ୍ରଧାନ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ପ୍ରଧାନ ଟୁଲି ଆମ୍ନାଙ୍କ ସମେତ ସମସ୍ତ ରାଜନୈତିକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜୟପୁର ବିଧାୟକ ତାରାପ୍ରସାହ ବାହିନୀପତି ପୂର୍ବତନ ଜିଲାପାଳ ଉଷା ପାଢ଼ୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ, କୋରାପୁଟ ଜିଲାପାଳ, ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ବିମାନର ପ୍ରଥମ ଯାତ୍ରୀ ଭାବେ ଭୃଗୁ ବକ୍ସିପାତ୍ର ଭୁବନେଶ୍ୱରରୁ ଜୟପୁରକୁ ଯାଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର, ଜିଲା ପ୍ରଶାସନର ଚେଷ୍ଟାରେ ଜୟପୁରରୁ ବିମାନ ସେବା କଳ୍ପନା ସଫଳ ହୋଇଛି। ଭୁବନେଶ୍ୱରରୁ ଜୟପୁର ଯାତ୍ରା ବହୁତ ଖୁସି ଲାଗିଥିଲା ବୋଲି ସେ କହିଛନ୍ତି। ଏଣିକି ଭୁବନେଶ୍ୱରକୁ ଯିବାକୁ ରାତି ଅନିଦ୍ରା ହେବାକୁପଡ଼ିବ ନାହିଁ। ୧୪ ଘଣ୍ଟା ବଦଳରେ ମାତ୍ର ୨ଘଣ୍ଟା ଭିତରେ ଭୁବନେଶ୍ୱରରେ ପହଞ୍ଚିପାରିବୁ। ଏହାଦ୍ୱାରା ସମୟ ବଞ୍ଚିବ। ଏଥିସହ ବେପାର, ପର୍ଯ୍ୟଟନ କ୍ଷେତ୍ରରେ ମଧ ସହାୟକ ହେବ ବୋଲି ଜୟପୁରରୁ ଭୁବନେଶ୍ୱରକୁ ଯାଉଥିବା ଯାତ୍ରୀ ସୁମନ୍ତ ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ସଂକ୍ଷେପରେ

### ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପଥପ୍ରାନ୍ତ ନାଟକ

କୋରାପୁଟ,୩୧।୧୦(ସ୍ୱ.ପ୍ର.)- କୋରାପୁଟ ଜିଲାପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଏହି ଅବସରରେ ଉପସ୍ଥିତ କଲେକ୍ଟରେଟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୁଖ୍ୟ ଅତିଥି ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ନେଇ ଶପଥପାଠ କରାଇଥିଲେ। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି , ଡେପୁଟି କଲେକ୍ଟର ସାଗରିକା ଷଡଙ୍ଗୀ, ମୋନାଲିସା ଦେବତା,ଡିଆଇପିଆର୍‌ଓ ସ୍ୱରାଜ୍ୟ ଶିଶା ପ୍ରମୁଖ ଉପସ୍ଥିତ ଥିଏ। କୋରାପୁଟର ଅଗ୍ରଣୀ ନାଟ୍ୟ ସଂସ୍ଥା ନାନ୍ଦନିକା ପକ୍ଷରୁ ସୋମବାର ଅପରାହ୍ନରେ ସ୍ଥାନୀୟ ସଂସ୍କୃତି ଭବନ ସମ୍ମୁଖରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପୁଜାରିପୁଟ ଗୁରୁକୁଳ ପ୍ଲେ ସ୍କୁଲ ସମ୍ମୁଖରେ ମଧ ରାଷ୍ଟ୍ରୀୟ ସଂକଳ୍ପ ଓ ଏକତା ଅଖଣ୍ଡତା ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### କଲେଜ ଛାତ୍ରୀଙ୍କୁ ଆକ୍ରମଣ ଘଟଣାରେ ଯୁବକ ଗିରଫ

ଚନ୍ଦାହାଣ୍ଡି, ୩୧।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାନାବେଡା ମହାବିଦ୍ୟାଳୟ ଛାତ୍ରୀଙ୍କୁ ଆକ୍ରମଣ କରିଥିବା ଯୁବକ ନିରାକାର ଜଗତଙ୍କୁ ଚନ୍ଦାହାଣ୍ଡି ପୋଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି । ଛାତ୍ରୀଙ୍କ ଭାଇଙ୍କ ଲିଖିତ ଅଭିଯୋଗ କ୍ରମେ କେଶ ନଂ-୧୩୨/୨୨ରେ ମାମଲା ରୁଜୁ କରି ଏହାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ଶିବପ୍ରସାଦ ମହାନ୍ତିଙ୍କୁ ଦିଆଯାଇଛି। ସୂଚନାନୁଯାୟୀ ଛାତ୍ରୀ ଜଣଙ୍କ ଘରକୁ ଫେରୁଥିବା ସମୟରେ ପଛପଟୁ ଅଭିଯୁକ୍ତ ନିରାକାର ଅତର୍କିତ ଭାବେ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଯୋଗୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କୋରାପୁଟ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି।

### ଦୁର୍ନୀତିର ମୂଳୋତ୍ପାଟନ ନେଇ ଏକାଠି କାମ କରିବା ଜରୁରୀ



ତେନ୍ତୁଳିଖୁଣ୍ଟି, ୩୧।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ନେଇ କର୍ମଚାରୀମାନେ ଶପଥ ନେଇଛନ୍ତି। ସମସ୍ତ ନାଗରିକ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଏକତ୍ର ହୋଇ କାର୍ଯ୍ୟକରିବା ଉଚିତ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏହି ଅବସରରେ ବ୍ଲକ ଅଧକ୍ଷା ନିଳେନ୍ଦ୍ରୀ ନାୟକ, ବିଡ଼ିଓ ଦୁର୍ଯ୍ୟୋଧନ ଭୋଇ, ତହସିଲଦାର ପ୍ରଦୀପ କର ଜିପିଇଓ ମଣ୍ଟୁ ସ୍ୱାଇଁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି ବିପ୍ଣନୀ ନିରୀକ୍ଷକ ରୋହିତ ମାଝି,ବିଏସ୍‌ଏସଓ ରବୀନ୍ଦ୍ର ସାହୁ, ଦିଗି ସରପଞ୍ଚ କିଶୋର ନାୟକଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ସ୍ୱଚ୍ଛ ନିର୍ମଳ ସମାଜ ଗଠନ ନେଇ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ଉମରକୋଟ, ୩୧।୧୦(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଓ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି। ଅଧକ୍ଷା ଡକ୍ଟର ଅନିତା ମାଝିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧାପକ ଦେଶର ଅଖଣ୍ଡତା ଓ ଭାଇଚାରା ପ୍ରତିଷ୍ଠା ପାଇଁ ଲୌହ ମାନବ ସର୍ଦ୍ଧାର ବଲ୍ଲଭ ଭାଇ ପଟେଲଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧକ୍ଷା ଏକ ସ୍ୱଚ୍ଛ ନିର୍ମଳ ଓ ଦୁର୍ନୀତି ମୁକ୍ତ ସମାଜ ପ୍ରତିଷ୍ଠା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସୁନାଗରିକଭାବେ ଦେଶର ସ୍ୱଚ୍ଛ ଶାସନରେ ଭାଗିଦାରୀ ହେବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟତମ ବକ୍ତାଭାବେ ଏନ୍‌ଏସ୍‌ଏସ୍ ଅଧିକାରୀ ଡକ୍ଟର ଶେଷାନନ୍ଦ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଡକ୍ଟର ରବୀନ୍ଦ୍ର ମିଶ୍ର, ଅଶୋକ କୁଜୁର୍, ନିକୁଞ୍ଜ କିଶୋର ବେହେରା, ଡକ୍ଟର ଅନୀଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ରାମଶଙ୍କର ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି।

## ବୋରିଗୁମ୍ମାରେ ମାରାଥନ ଦୌଡ଼




ମାରାଥନରେ ଭାଗ ନେଇଥିବା ଯୁବକମାନେ।

**ବୋରିଗୁମ୍ମା, ୩୧।୧୦(ଡି.ଏନ୍.ଏ.)**

ରାଷ୍ଟ୍ରୀୟ ଏକତା ଦିବସ ତଥା ଲୌହ ମାନବ ସର୍ଦ୍ଧାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଅବସରରେ ବୋରିଗୁମ୍ମା ଯୁବ ଗୋଷ୍ଠୀଙ୍କ ପକ୍ଷରୁ ମାରାଥନ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ନୂଆ ବସଷ୍ଟାଣ୍ଡରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ମାରାଥନ ବ୍ଲକ ଅଫିସ ନିକଟ ଶହୀଦ ସ୍ତମ୍ଭ ପାଖରେ ପହଞ୍ଚିବା ପରେ ସଦସ୍ୟ ମାନେ ଶପଥ ପାଠ କରିଥିଲେ। ବୋରିଗୁମ୍ମା ପଞ୍ଚାୟତ ସରପଞ୍ଚ ତୁଷାରକାନ୍ତ କୁମ୍ଭରିକା, ସମିତି ସଭ୍ୟା ପ୍ରିୟଙ୍କା ରଥ ଏବଂ ଜାତୀୟ ଆଥଲେଟିକ ଖେଳାଳି ରବି ତେଜା ମଶାଲ ପ୍ରଜ୍ୱଳନ କରିଥିଲେ। ବିଜୟ ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶାନ୍ତ ଆଚାରି, ଜି.ମୋହନ ଦୋରା, ନାନୁ ଦଳେଇ, ସୁତମ ବିଷୋୟୀ, ଗିରି ପ୍ରଧାନ, ରାମ ହରିଜନ, ବାପି ନାୟକ, ମିଣ୍ଟୁ ଦଳେଇ ପ୍ରମୁଖ ସହଯୋଗ କରିଥିଲେ। ବୋରିଗୁମ୍ମା ଜୋନ୍-୨ ଜିଲା ପରିଷଦ ସଭ୍ୟା ମଞ୍ଜୁଳା ଘାଷି, ଟିକି ପଟ୍ଟନାୟକ, ରାଜ ସିଂ, ସୂର୍ଯ୍ୟ ଆଚାରୀ, କମଳକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଏକତା ଦିବସ, ଦୁର୍ନୀତି ନିବାରଣ ସପ୍ତାହ ପାଳନ

**କୋରାପୁଟ/ସୁନାବେଡା, ୩୧।୧୦(ସ୍ୱ.ପ୍ର.)**




କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ୍ ପରିସରରେ ସର୍ଦ୍ଧାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ‘ଏକତା ଦୌଡ଼’ (ୟୁନିଟି ରନ୍ )ସହିତ ଏହି ଉତ୍ସବ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକାଡେମିକ୍ ବ୍ଲକ୍ ସମ୍ମୁଖରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। କୁଳପତି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଆମ ଆଧୁନିକ ରାଷ୍ଟ୍ର ଗଠନରେ ସର୍ଦ୍ଧାର ପଟେଲଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଯୁବ ପିଢ଼ି ସର୍ଦ୍ଧାର ପଟେଲ ଏବଂ ଅନ୍ୟ ମହାନ ବ୍ୟକ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାର ଆବଶ୍ୟକ ବୋଲି ସେ କହିଛନ୍ତି।

ସୁନାବେଡା ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ଏବଂ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଉଷାରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଛାତ୍ରୀମାନଙ୍କୁ ଦେଶରେ ରାଷ୍ଟ୍ରୀୟ ଏକତା ବଜାଇ ରଖିବା ସହିତ ଭାରତକୁ ଦୁର୍ନୀତି ମୁକ୍ତ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଉପଦେଶ ଦେଇଥିଲେ। ଏହା ସହିତ ସମସ୍ତ ଅଧାପିକା ଅଧାପକ ଛାତ୍ରୀମାନଙ୍କୁ ରାଷ୍ଟ୍ରୀୟ ଏକତା ଏବଂ ସାଧୁତାର ଶପଥ ପାଠ କରାଇଥିଲେ। ମୋ କଲେଜ କୋଅର୍ଡିନେଟର ବାସନ୍ତୀ ପଟ୍ଟନାୟକ ଦୁର୍ନୀତି ନିବାରଣର ବିଭିନ୍ନ ଉପାୟ ଉପରେ କହିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସରିତା ପରିଡ଼ା ସ୍ୱାଗତ ଭାଷଣ ଦେଇଥିବାବେଳେ ୱାଇଆର୍‌ସି କାଉନସିଲର ଶୁଭଶ୍ରୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧାପକ ଡକ୍ଟର ବାସୁଦେବ ସାହୁ, ଡେମୋନ୍‌ଷ୍ଟ୍ରେଟର ଲକ୍ଷ୍ମୀପ୍ରିୟା ଚୌଧୁରୀ ଓ କଲେଜ ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ନାବାଳକ ମୃତ

**ପାପଡାହାଣ୍ଡି/ଡାବୁଗାଁ, ୩୧।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ବାମନ ମୁଣ୍ଡାଗୁଡ଼ା ଗ୍ରାମରେ ସୋମବାର ସାପ କାମୁଡାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପିତାମ୍ବର ଜାନୀ ଙ୍କ ପୁଅ ଡମ୍ବ (୧୪)। ସୂଚନାନୁଯାୟୀ ଡମ୍ବ ସକାଳେ ମକା ଭାଙ୍ଗିବା ପାଇଁ ମା'ଙ୍କ ସହ ଚାଷ ଜମିକୁ ଯାଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଡମ୍ବ ସାପ କାମୁଡିବା ଜାଣି ନ ପାରି ମକା ଭାଙ୍ଗିବାରେ ବ୍ୟସ୍ତ ରହିଲେ। କିଛି ସମୟ ପରେ ସେ ଅଚେତ ହୋଇ ପଡ଼ିଯାଇଥିଲେ। ଜମିରେ କାମ କରୁଥିବା କେତେଜଣ ଲୋକ ତାଙ୍କୁ ଘରକୁ ଆଣିବା ପରେ ଗାଁର ଯୁବକମାନେ ତାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡମ୍ବଙ୍କ ମୃତ୍ୟୁ ହୋଇଛି। ଏହାପରେ ପିତାମ୍ବର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଡାବୁଗାଁ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେଶ ନଂ. ୨୬/୨୨ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ମଧ୍ୟାହ୍ନଭୋଜନ ପାଚିକାଙ୍କ ବୈଠକ

**ଡାବୁଗାଁ, ୩୧।୧୦(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୋଇଲାରୀ ପଞ୍ଚାୟତ ସଦର ଗାଁରେ ମଧ୍ୟାହ୍ନ ଭୋଜନ ପାଚିକାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିସହ ନୂତନ କର୍ମକର୍ତ୍ତାଙ୍କ ଚୟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡାବୁଗାଁ ବ୍ଲକର ୪୬ ସ୍କୁଲର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଥିବା ପାଚିକାମାନେ ସାମିଲ ହୋଇଥିଲେ। ଉକ୍ତ ବୈଠକରେ ପାଚିକାଙ୍କ ଦରମା ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ଏହାପରେ ନୂତନ କମିଟି ଗଠନ କରାଯାଇଥିଲା। ଜୟମଣୀ ଭତ୍ରା ସଭାପତି, ଆସାମା ବେଗମ୍ ସମ୍ପାଦିକା, ଫୁଲ ଜାନି ସହ ସମ୍ପାଦିକା, ବିଦ୍ୟାବତୀ ବିଷୋୟୀ କୋଷାଧ୍ୟକ୍ଷା, ଉପଦେଷ୍ଟା ଭାବେ ଭୈରବସିଂ ମାଝି, ଈଶ୍ୱର ମାଝି ଓ ରାମସିଂ ମାଝି ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

## ଦୁର୍ନୀତି ଦେଖିଲେ ଭିଜିଲାନ୍ସକୁ ଜଣାଇବାକୁ ଆହ୍ୱାନ

**ମାଲକାନଗିରି,୩୧।୧୦(ଡି.ଏନ୍.ଏ.)**

### ମାଲକାନଗିରିରେ ଦୁର୍ନୀତି ନିବାରଣ ସପ୍ତାହ




ଜିଲାସ୍ତରୀୟ ଶପଥପାଠ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ସୋମବାର ଭିଡିଓ କନ୍‌ଫରେନ୍ସରେ ପାଳିତ ହୋଇଯାଇଛି। ଏହି ଅବସରରେ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବାକୁ ସାମୂହିକ ଶପଥପାଠ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ୍‌ରେ ସମସ୍ତ ଅଧିକାରୀଙ୍କୁ ଦୁର୍ନୀତି ହଟାଇବା ଏବଂ ସୁଶାସନ ପାଇଁ ଆହ୍ୱାନ କରିଥିଲେ। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂ, ଡିଆର୍‌ଡିଏ ପିଡି ବାଳମୁକୁନ୍ଦ ଭୁୟାଁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

ଏହି ଅବସରରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଅଧିକାରୀ ଉପସ୍ଥିତ ରହି ଦୁର୍ନୀତି ନ କରିବାକୁ ଶପଥ ନେଇଥିଲେ। ନିଜେ ଦୁର୍ନୀତିଠାରୁ ଦୂରରେ ରହିବା ସହ କୌଣସି ସ୍ଥାନରେ ଦୁର୍ନୀତି ହେଲେ ତୁରନ୍ତ ହେଲ୍ପଲାଇନ୍ ନମ୍ବର କିମ୍ବା ସ୍ଥାନୀୟ ଭିଜିଲାନ୍ସ ବିଭାଗକୁ ଯୋଗାଯୋଗ କରିବାକୁ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ମାଲକାନଗିରି ପୌର ପରିଷଦରେ ମଧ ଏହି ଶପଥ ଗ୍ରହଣ ଉତ୍ସବ ହୋଇଥିଲା। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକ ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ କୁନା



@ ଶନିନ୍ଦ୍ର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୨ ଦୁର୍ଦ୍ଧର୍ଷ ମାଓବାଦୀ ମୃତ

**ମାଲକାନଗିରି,୩୧।୧୦(ଡି.ଏନ.ଏ.)**

■ ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ

■ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୋଲିସ-ମାଓବାଦୀ ମଧ୍ୟରେ ଗୁଳିବିନିମୟ ବେଳେ ୨ ଦୁର୍ଦ୍ଧର୍ଷ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦର୍ଶନ ପଡା ଏବଂ ଜାଗେଶ ସଲମ୍। ସେମାନଙ୍କ ନିକଟରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଦୁଇ ମାଓବାଦୀଙ୍କ ନାମରେ ୮ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା।

ସୂଚନା ଅନୁଯାୟୀ, ଛତିଶଗଡ଼ ରାଜ୍ୟ କାଙ୍କେର ଜିଲା ଜଙ୍ଗଲରେ ମାଓବାଦୀଙ୍କ ଏକ କ୍ୟାମ୍ପ ଥିବା ପୋଲିସ ଖବର ପାଇଥିଲା। ଫଳରେ ଯବାନମାନେ ସର୍ଚ୍ଚ ଅପରେଶନରେ ବାହାରିଥିଲେ। ଜଙ୍ଗଲ ମଧ୍ୟରେ ଯବାନଙ୍କୁ ଦେଖି ମାଓବାଦୀ ମାନେ ଗୁଳିଚାଳନା କରିଥିଲେ। ଜବାବରେ ଯବାନମାନେ ମଧ ପାଲଟା ଗୁଳିଚାଳନା କରିଥିଲେ। ତେବେ ଯବାନଙ୍କୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ସେଠାରେ ସର୍ଚ୍ଚ ଅପରେଶନ କରିବା ସମୟରେ ୨ ମାଓବାଦୀଙ୍କ ମୃତଦେହ ଜବତ କରିଛନ୍ତି। ଦୁଇ ମାଓବାଦୀ ଛତିଶଗଡ଼ ପୋଲିସ ଉପରେ ଆକ୍ରମଣ, ପୋଲିସ ସୂଚନାଦାତା ନାଁରେ ଗ୍ରାମବାସୀଙ୍କୁ ହତ୍ୟା, ବିଭିନ୍ନ ଉନ୍ନୟନ କାମରେ ନିୟୋଜିତ ଗାଡ଼ି ପୋଡ଼ିବା ଭଳି ଅନେକ ମାଓବାଦୀ ହିଂସାରେ ଜଡ଼ିତ ଥିଲେ। ଏମାନଙ୍କ ମୃତ୍ୟୁ ଯବାନଙ୍କ ପାଇଁ ବଡ ସଫଳତା ହୋଇଥିବାବେଳେ ଉକ୍ତ ଅଞ୍ଚଳରେ ଏବେ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି।

## ମହିଳାଙ୍କୁ ସ୍ୱାବଲମ୍ବୀ କରୁଛନ୍ତି ଶୁକ୍ରି



ନିଜ ସିଲେଇ ପ୍ରତିଷ୍ଠାନରେ ସିଲେଇ କରୁଛନ୍ତି ଶୁକ୍ରି।

**ମାଲକାନଗିରି, ୩୧।୧୦(ଡି.ଏନ.ଏ.)**

ମହିଳାମାନେ ସ୍ୱାବଲମ୍ବୀ ହୋଇ ସବୁ କାର୍ଯ୍ୟ କରିପାରନ୍ତି ଏପରି ଉଦାହରଣ ପାଲଟିଛନ୍ତି ମାଲକାନଗିରି ଜିଲା ପୋଡ଼ଭଟା ଗ୍ରାମର ଶୁକ୍ରି ଦୁରୁଆ । ଦିନ ଥିଲା ବହୁ ଅସୁବିଧା ଓ ଅଭାବରେ ଚଳୁଥିଲେ ଶୁକ୍ରି। ସେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସିଲେଇ ତାଲିମରେ ଯୋଗ ଦେଇ ସିଲେଇ ଶିଖି ଏବେ ଏହି ବିଦ୍ୟାରେ ପାରଙ୍ଗମ ହାସଲ କରିଛନ୍ତି। ତାଲିମରୁ ଘରକୁ ଫେରିବା ପରେ ସିଲେଇ କାମ ଆରମ୍ଭ କରିଥିଲେ। ଅର୍ଥ ଅଭାବରୁ ସେ ପ୍ରଥମେ ହାତରେ କିଛି ବସ୍ତ୍ର ସିଲେଇ କରି ତାହାକୁ ବିକ୍ରି କରି କିଛି ଅର୍ଥ ରୋଜଗାର ପରେ ଶୁକ୍ରି ମେସିନ କିଣିଥିଲେ। ସେହି ଗୋଟିଏ ମେସିନରୁ କାର୍ଯ୍ୟ ଆରମ୍ଭ କରି ଏଥିରେ ଅନ୍ୟମାନଙ୍କୁ ତାଲିମ ଦେଇଥିଲେ। ବର୍ତ୍ତମାନ ସେ ଅନେକ ସିଲେଇ ମେସିନ କିଣି ଜଣେ ସଫଳ ସିଲେଇ କରିଗରର ପରିଚୟ ପାଇପାରିଛନ୍ତି। ଶୁକ୍ରିଙ୍କ ଏହି ସଫଳତା ଦେଖି ଗ୍ରାମର ମହିଳା ଓ ଝିଅମାନେ ତାଙ୍କ ନିକଟକୁ ଆସି ସିଲେଇ ଶିଖୁଛନ୍ତି। ନିଜେ କରିଥିବା ସିଲେଇ ପ୍ରତିଷ୍ଠାନରେ ଅନେକ ମେଶିନ ରଖି ଗ୍ରାମର ଅସହାୟ ଝିଅ ମାନଙ୍କୁ କାର୍ଯ୍ୟ ଯୋଗାଇ ଦେଉଛନ୍ତି। ଏହି ଝିଅମାନେ ସେଠାରେ କାମ କରି ପ୍ରତିମାସରେ ୫ରୁ ୭ ହଜାର ଟଙ୍କା ରୋଜଗାର କରି ନିଜ ପରିବାର ଚଳାଇବାରେ ସହାୟକ ହୋଇ ପାରୁଛନ୍ତି। ଶୁକ୍ରିଙ୍କ ଏପରି କାର୍ଯ୍ୟ ଅନ୍ୟମାମାନଙ୍କ ପାଇଁ ଏବେ ଉଦାହରଣ ପାଲଟିଛି।

